# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 02 October – 2025

*************************************

## ମୁଖ୍ୟ ସମ୍ବାଦ

- ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଶାନ୍ତିଦୂତ ଲାଲବାହାଦୂର ଶାସ୍ତ୍ରୀଙ୍କ ପୂଣ୍ୟ ଜୟନ୍ତୀରେ ଦେଶବାସୀ ଦେଲେ ଶ୍ରଦ୍ଧାଞ୍ଜଳି
- ସମ୍ବଲପୁରର କଳାସଂସ୍କୃତିକୁ ଆଇଆଇଏମ୍ ବିଶ୍ୱସ୍ତରରେ ପହଞ୍ଚାଇବାରେ ହେବ ସହାୟକ; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥିରେ ଆସନ୍ତାକାଲିଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାକାର୍ତ୍ତିକ ନୀତି

— ରାଧା ଦାମୋଦର ବେଶରେ ଦର୍ଶନ ଦେବେ ଶ୍ରୀଜୀଉ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଆଜି ରାତି ସୁଦ୍ଧା ପାରାଦ୍ୱୀପ-ଗୋପାଳପୁର ମଧ୍ୟରେ ଅତିକ୍ରମ କରିବା ନେଇ ପାଣିପାଗ ବିଭାଗର ସୂଚନା

# ଗାନ୍ଧୀ-ଶାସ୍ତ୍ରୀ ଜୟନ୍ତୀ

ଦେଶ ଆଜି ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ରାଷ୍ଟ୍ରନାୟକ ତଥା ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ପୂଣ୍ୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ୧୮୬୯ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିବା ଅହିଂସାର ପୂଜାରୀ ବାପୁଜୀ ଦେଶକୁ ଇଂରେଜ ଶାସନରୁ ମୁକ୍ତ କରିଥିଲେ । ମୁକ୍ତି ସଂଗ୍ରାମରେ ଗାନ୍ଧିଜୀ ସତ୍ୟ ଏବଂ ଅହିଂସା ଉପରେ ଆଧାରିତ ସତ୍ୟାଗ୍ରହକୁ ପ୍ରବର୍ତ୍ତନ କରିଥିଲେ ।

ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ୧୯୦୪ ମସିହା ଆଜିର ଦିନରେ ଉତ୍ତରପ୍ରଦେଶର ମୋଗଲସରାଇଠାରେ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ଗାନ୍ଧୀଜୀଙ୍କ ଜାତୀୟତା ପ୍ରେମରେ ଲାଲବାହାଦୁର ଶାସ୍ତ୍ରୀ ଅନୁପ୍ରାଣିତ ହୋଇଥିଲେ । ତାଙ୍କର ସ୍ଲୋଗାନ 'ଜୟ ଯବାନ-ଜୟ କିଷାନ' ଆଜି ମଧ୍ୟ ଦେଶବାସୀଙ୍କ ପାଖରେ ଅମର ବାଣୀ ହୋଇ ରହିଛି । ଗାଁରୁ ସହର ବିଭିନ୍ନ ସ୍ଥାନରେ ଥିବା ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

**ବଲାଙ୍ଗିର** ଜିଲ୍ଲା ପାଟଣାଗଡ଼ରେ ଆୟୋଜିତ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା କରାଯାଇଥିଲା।

**ମାଲକାନଗିରି** ଜିଲ୍ଲା ସଦର ମହକୁମାସ୍ଥିତ ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅତିଥିମାନେ ଗାନ୍ଧିଜୀ ଏବଂ ଶାସ୍ତ୍ରିଜୀଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ ।

**କେନ୍ଦ୍ରାପଡ଼ା** ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି ।

**ଦେବଗଡ଼** ଜିଲ୍ଲା ସଂସ୍କୃତିଭବନଠାରେ ଆୟୋଜିତ ଜୟନ୍ତୀ ସମାରୋହରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବା ସହିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

**ବୌଦ୍ଧ** ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଉନ୍‌ହଲ୍‌ଠାରେ ଆୟୋଜିତ ଜୟନ୍ତୀ ସମାରୋହରେ ସର୍ବଧର୍ମ ପ୍ରାର୍ଥନା ସଭା ହେବା ସହ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

**ଭଦ୍ରକ** ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସଂସ୍କୃତି ଭବନଠାରେ ଆୟୋଜିତ ଜୟନ୍ତୀ ସମାରୋହରେ ପ୍ରଶାସନିକ ଅଧିକାରୀ ଓ ନାଗରିକମାନେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ଗାନ୍ଧୀପଡିଆରେ ଏକ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା ।

**ରାୟଗଡ଼ା** ଜିଲ୍ଲା ପ୍ରଶାସନ ଓ ସର୍ବୋଦୟ ସମାଜ ପକ୍ଷରୁ ଦୁଇ ମହାନ୍ ବ୍ୟକ୍ତିଙ୍କର ଜୟନ୍ତୀ ପାଳନ ଅବସରରେ ସେମାନଙ୍କର

ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା ।

**ଗଜପତି** ଜିଲ୍ଲା ପ୍ରଶାସନ ପକ୍ଷରୁ ଗାନ୍ଧିଜୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କର ଜୟନ୍ତୀ ପାରଳାଖେମୁଣ୍ଡିସ୍ଥିତ ଗାନ୍ଧି ସ୍ମୃତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭା ଏବଂ କଳାକାରମାନଙ୍କ ଦ୍ୱାରା ଗାନ୍ଧିଜୀଙ୍କର ପ୍ରିୟ ଭଜନ **ବୈଷ୍ଣବ ଜନତୋ** ପରିବେଷଣ କରାଯାଇଥିଲା ।

**ଖୋର୍ଦ୍ଧା** ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦୁଇ ମହାନ୍ ଆତ୍ମାଙ୍କୁ ସେମାନଙ୍କର ଜନ୍ମତିଥିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗାନ୍ଧିଜୀ ଓ ଶାସ୍ତ୍ରୀଙ୍କର ଆଦର୍ଶ ବିଷୟରେ ଆଲୋଚନା କରିଥିଲେ ।

## ବିଜୟାଦଶମୀ–ଦଶହରା

ଅସତ୍ୟ ଉପରେ ସତ୍ୟ, ଅଧର୍ମ ଉପରେ ଧର୍ମ, ଅନ୍ୟାୟ ଉପରେ ନ୍ୟାୟ ଏବଂ ପାପ ଉପରେ ପୂର୍ଣ୍ଣର ନିଦର୍ଶନ ସ୍ୱରୂପ ପ୍ରଭୁ ଶ୍ରୀରାମଙ୍କ ବିଜୟକୁ ସ୍ମରଣ କରି ଆଜି ବିଜୟା ଦଶମୀ ପର୍ବ ପାଳନ କରାଯାଉଛି । ଏହି ଅବସରରେ ରାଜ୍ୟର ପୁରପଲ୍ଲୀରେ ଭକ୍ତି ଓ ଶ୍ରଦ୍ଧାର ସହ ଏହି ପର୍ବ ପାଳନ କରାଯାଉଛି । **ଭଦ୍ରକ** ଜିଲ୍ଲାରେ ଦଶହରା ଅବସରରେ ବହୁ ବର୍ଷ ଧରି ପ୍ରଚଳିତ ‘ଦଶହରା ବଳଦ ଯାତ୍ରା’ ଗ୍ରାମ ପରିକ୍ରମା କରିଥିଲା । **ଦେବଗଡ଼** ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୟାଦଶମୀ ପର୍ବ ଅନୁଷ୍ଠିତ

ହେଉଛି । ପୂଜାମଣ୍ଡପଗୁଡ଼ିକରେ ପ୍ରବଳ ଜନସମାଗମ ଲାଗି ରହିଛି । **ବୌଦ୍ଧ** ଜିଲ୍ଲାର ବିଭିନ୍ନ ପୂଜାମଣ୍ଡପଗୁଡ଼ିକରେ ମା'ଙ୍କ ଦଶହରା ପୂଜା ଅନୁଷ୍ଠିତ ହେଉଛି । ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ପୁରୁଣାକଟକର ଭୈରବୀ ମନ୍ଦିରରେ ମା'ଙ୍କ ଷୋଡଶ ଦିନ ଗୁପ୍ତ ପୂଜା ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଛନ୍ତି । **ନୟାଗଡ** ଜିଲ୍ଲା ସଦର ମହକୁମା ସମେତ ବିଭିନ୍ନ ସ୍ଥାନରେ ୯୫ଟି ମୃଣ୍ମୟୀ ଦେବୀଙ୍କ ମେଢ଼ ପ୍ରତିଷ୍ଠା କରାଯାଇଛି । ରଂଗବେରଂଗର ଆଲୋକମାଳାରେ ମଣ୍ଡପଗୁଡ଼ିକ ଉଦ୍‌ଭାସିତ ହେଉଛି । **କୋରାପୁଟ** ଜିଲ୍ଲାର ଭଗବତୀ, ଦକ୍ଷିଣକାଳୀ, ବିରିକୋମ୍ବ, ମୁତ୍ୟାଲମ୍ମା ମନ୍ଦିରଗୁଡ଼ିକରେ ବିଜୟାଦଶମୀ ଅବସରରେ ବିଶେଷ ପୂଜାର୍ଚ୍ଚନା ହୋଇଥିଲା । **କଟକ** ନଗରର ବିଭିନ୍ନ ପୂଜାମଣ୍ଡପଗୁଡ଼ିକରେ ବଙ୍ଗୀୟ ନୀତିରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ନିକଟରେ ସିନ୍ଦୂର ଅର୍ପଣ କରିବା ପରେ ମହିଳାମାନେ ପରସ୍ପର ସହିତ ସିନ୍ଦୂର ବୋଳି ହୋଇ ମା' ଜଗତ୍‌ଜନନୀଙ୍କୁ ବିଦାୟ ଦେଉଛନ୍ତି ।

## ଆଇଆଇଏମ୍‌ସି-ଧର୍ମେନ୍ଦ୍ର ପ୍ରଧାନ

ଛାତ୍ରଛାତ୍ରୀମାନେ ନିଯୁକ୍ତି ଆଶାୟୀ ନ ହୋଇ ନିଯୁକ୍ତି ଦାତା ହୁଅନ୍ତୁ, ଆଇଆଇଏମ୍, ସମ୍ବଲପୁରର ଏକାଦଶ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପବିତ୍ର ବିଜୟାଦଶମୀ ଅବସରରେ 'ରଙ୍ଗବତୀ ମଂଚ'ର ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ ସମ୍ବଲପୁରର କଳା ଓ ସଂସ୍କୃତିକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ଏହା ସହାୟକ ହେବ ବୋଲି କହିଛନ୍ତି । ଆଇଆଇଏମ. ସମ୍ବଲପୁର ବିଗତ ୧୧ ବର୍ଷ ମଧ୍ୟରେ ଅନେକ ଶିଖର ଛୁଇଁଛି । ଚଳିତବର୍ଷ ସମ୍ବଲପୁର ଆଇଆଇଏମ୍‌ରେ ଏଆଇ ଦ୍ୱାରା ପାଠ ପଢ଼ାଯାଉଛି, ଯାହା ସାରା ଭାରତବର୍ଷରେ ପ୍ରଥମ । ସମ୍ବଲପୁରର

ନୂତନ ଆଇଆଇଏମ୍ କ୍ୟାମ୍ପସ୍ ୨୦୨୧ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାବେଳେ ୨୦୨୪ ମସିହାରେ ପ୍ରଧାନମନ୍ତ୍ରୀ ଏହାର ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ଆଇଆଇଏମ୍‌ରେ ସ୍କୁଲ, ବିଜିନେସ୍ ମ୍ୟାନେଜ୍‌ମେଣ୍ଟ ଟ୍ରେନିଂ ସମ୍ପୂର୍ଣ୍ଣ କରିଥିବା ୮୦ ଜଣ ପ୍ରବୀଣ ବୁଣାକାର ମାନଙ୍କୁ କେନ୍ଦ୍ରମନ୍ତ୍ରୀ ସମ୍ମାନୀତ କରିଥିଲେ। ୨୦୨୪-୨୬ ବର୍ଷ ପାଇଁ ଏମ୍‌ବିଏ ପାଠ୍ୟକ୍ରମରେ ଭଲ ପ୍ରଦର୍ଶନ ଯୋଗୁଁ ୧୫ ଜଣ ଛାତ୍ରଛାତ୍ରୀଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଥିଲା। ଏହି ଅବସରରେ ଆଜି ଆଇଆଇଏମ୍‌ରେ ୨ଟି ନୂତନ କୋର୍ସର ଆରମ୍ଭ ହୋଇଛି।

## କାର୍ତ୍ତିକ ନୀତି

ଆଶ୍ୱିନ ଶୁକ୍ଳ ଏକାଦଶୀ ତିଥି ଅବସରରେ ଆସନ୍ତାକାଲି ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ମହାକାର୍ତ୍ତିକ ନୀତିର ଶୁଭାରମ୍ଭ ହେବ। ଶ୍ରୀଜୀଉମାନଙ୍କର ରାଧା ଦାମୋଦର ବେଶ ସହ ବାଲଭୋଗ ନୀତି ଅନୁଷ୍ଠିତ ହେବ। ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଏହି ଅପୂର୍ବ ରାଧା ଦାମୋଦର ବେଶ ଆସନ୍ତା କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଦଶମୀ ପର୍ଯ୍ୟନ୍ତ ଚାଲିବ। ଏହି ବେଶରେ ଥାଇ ଠାକୁରଙ୍କ ଗୋପାଳବଲ୍ଲଭ ଓ ସକାଳଧୂପ ନୀତି ସମ୍ପନ୍ନ କରାଯିବ। ଏହି ନୀତି ପରେ ଶ୍ରୀବିଗ୍ରହମାନଙ୍କୁ ସ୍ୱତନ୍ତ୍ର ବନ୍ଦାପନା କରାଯାଇଥାଏ। ତେବେ ଆସନ୍ତାକାଲିଠାରୁ ପ୍ରତ୍ୟହ ଭୋର ୪ଟାରେ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ସମ୍ପନ୍ନ କରାଯିବ।

## ପୀଠ ବିକାଶ ପାଇଁ ଅନୁମୋଦନ

ଓଡ଼ିଆ ସାହିତ୍ୟର ପଂଚସଖାଙ୍କ ମଧ୍ୟରୁ ଅନ୍ୟତମ ତଥା ଲକ୍ଷ୍ମୀପୁରାଣର ରଚୟିତା ଭକ୍ତ ବଳରାମ ଦାସଙ୍କ ପୀଠର ସର୍ବାଙ୍ଗୀନ ବିକାଶ ପାଇଁ ହେବାକୁ ଥିବା ପ୍ରକଳ୍ପକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି । ଏଥିପାଇଁ ବିଭାଗ ପକ୍ଷରୁ ୨୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡା ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

## ସେବାପର୍ବ-ଅପରେସନ୍ ସିନ୍ଦୂର

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଶୁଣିବା, ମୋଦୀ ସରକାର ଅପରେସନ୍ ସିନ୍ଦୂର ମାଧ୍ୟମରେ ଜାତୀୟ ସୁରକ୍ଷା, ସାମରିକ ଶକ୍ତି ଏବଂ ସ୍ୱଦେଶୀ ପ୍ରଯୁକ୍ତି ବିଦ୍ୟାରେ ଭାରତର ପ୍ରତିବଦ୍ଧତାକୁ କିଭଳି ପ୍ରଦର୍ଶନ କରିଛନ୍ତି....

**Seba Parba Opening**

ଆଜିର ଭାରତକୁ କେବଳ ଏକ ଶାନ୍ତିପ୍ରିୟ ରାଷ୍ଟ୍ର ଭାବରେ ନୁହେଁ, ବରଂ ଏକ ଦୃଢ଼, ନିର୍ଣ୍ଣାୟକ ଓ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ବିଶ୍ୱ

ଶକ୍ତି ଭାବେ ବିବେଚନା କରାଯାଉଛି । ଲୋକସଭାରେ ଅପରେସନ୍ ସିନ୍ଦୂର ଉପରେ ସ୍ୱତନ୍ତ୍ର ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀଙ୍କ ଏହି ବକ୍ତବ୍ୟ ବିଶ୍ୱସ୍ତରରେ ଭାରତର ପରିବର୍ତ୍ତିତ ପ୍ରତିଛବିକୁ ଆହୁରି ସ୍ପଷ୍ଟ କରୁଛି ।

**V/O–PM**

୨୨ ଏପ୍ରିଲ୍‌ରେ ଜମ୍ମୁ ଏବଂ କାଶ୍ମୀରର ପହେଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ମଇ ମାସ ୬ ଏବଂ ୭ ତାରିଖ ମଧ୍ୟରାତ୍ରୀରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଅଳ୍ପ ସମୟ ମଧ୍ୟରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ୯ଟି ଆତଙ୍କବାଦୀ ଆଡ଼ଡାସ୍ଥଳୀକୁ ନିଷ୍କ୍ରିୟ କରାଯାଇଥିଲା । ଭାରତୀୟ ସଶସ୍ତ୍ରବାହିନୀ ତା'ର ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ଦକ୍ଷତାର ପ୍ରଦର୍ଶନ କରିଥିଲା । ସ୍ୱଦେଶୀ ଡ୍ରୋନ୍ ଏବଂ ଏଆଇ ଆଧାରିତ ପ୍ରଣାଳୀ ଅତୁଳନୀୟ କ୍ଷମତା ପ୍ରଦର୍ଶନ କରିଥିଲା । ପାକିସ୍ତାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ ପ୍ରମୁଖ ରଣନୈତିକ ପ୍ରତିଷ୍ଠାନର ଧ୍ୱଂସାବଶେଷ ଭାରତର ବର୍ଦ୍ଧିତ ସାମରିକ ଶକ୍ତିର ପ୍ରମାଣ ଦେଇଥିଲା ।

ଅପରେସନ୍ ସିନ୍ଦୂର କେବଳ ଭାରତର ସାମରିକ ଏବଂ ପ୍ରଯୁକ୍ତିବିଦ୍ୟା ଶକ୍ତି ପ୍ରଦର୍ଶନ କରି ନଥିଲା, ବରଂ ଏହା ନ୍ୟାୟର ଏକ ନୂତନ ରୂପ ପ୍ରଦର୍ଶନ କରିଥିଲା । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଅପରରେସନ୍ ସିନ୍ଦୂର ଶେଷ ହୋଇନାହିଁ, ଏହାକୁ ବର୍ତ୍ତମାନ ପାଇଁ ବନ୍ଦ କରାଯାଉଛି ଏବଂ ଯଦି

ପୁଣି କୌଣସି ପାକ୍ ପ୍ରାୟୋଜିତ ଆକ୍ରମଣ ହୁଏ, ତେବେ ଭାରତ ଏହାର କଡା ଜବାବ୍ ଦେବ।

**Seba Parba Closing**

## ସ୍ୱଚ୍ଛତା-ଧରତୀଆବା

**ନୟାଗଡ଼** ଜିଲ୍ଲା ପ୍ରଶାସନ ଓ ପୌର ପରିଷଦର ମିଳିତ ସହଯୋଗରେ ଆଜି ଜିଲ୍ଲାସ୍ତରୀୟ ସ୍ୱଚ୍ଛତା ଉତ୍ସବ ଉଦ୍‌ଯାପନୀ ସମାରୋହ ସ୍ଥାନୀୟ ପଠାଣୀସାମନ୍ତ ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୨୮ ଜଣ ସ୍ୱଚ୍ଛ ସାଥୀ ଓ ସଫେଇ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**ନୟାଗଡ଼** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ  ଧରତୀଆବା ଜନଜାତୀୟ ଗ୍ରାମ ଉନ୍ନତ ଅଭିଯାନ ଯୋଜନା ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।  ଯୋଜନାରେ ଅନ୍ତର୍ଭୁକ୍ତ ୧୧୩ଟି ଗ୍ରାମରେ ସଚେତନତା ସୃଷ୍ଟି ଲାଗି ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ଆଦି କର୍ମଯୋଗୀ ଅଭିଯାନ

**ନବରଙ୍ଗପୁର** ଜିଲ୍ଲା ତାରାଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ବିଶେଷ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି।

ଗାଁ କ୍ଲଷ୍ଟର ଅଧିନରେ ସାମଗ୍ରିକ ବିକାଶ ନିମନ୍ତେ ସମସ୍ତଙ୍କ ସହଭାଗିତାରେ ଗ୍ରାମ ବିକାଶ କାର୍ଯ୍ୟପନ୍ଥା ବିକାଶ କରାଯାଇଥିଲା ।

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହୋଇଛି । ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଅବପାତ ପାରାଦ୍ୱୀପ ଏବଂ ଗୋପାଳପୁର ମଧ୍ୟରେ ଆଜି ରାତି ସୁଦ୍ଧା ଅତିକ୍ରମ କରିବ । ଏହାର ପ୍ରଭାବରେ ଆଜି ଏବଂ ଆସନ୍ତାକାଲି ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ସମ୍ଭାବନା ଅଛି । ଏ ସମ୍ପର୍କରେ ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା **ମନୋରମା ମହାନ୍ତି** କହିଛନ୍ତି....

**- V/O -**

**ଗଜପତି** ଜିଲ୍ଲା **ରାୟଗଡ଼** ବ୍ଲକ ଅନ୍ତର୍ଗତ ପକେଟ୍ ଗାଁ ନିକଟସ୍ଥ ବାମରା ପାହାଡରୁ ମାଟି ଅତଡ଼ା ଖସିବା ଯୋଗୁଁ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ଯାତାୟତ ବାଧାପ୍ରାପ୍ତ ହୋଇଛି । ଘଟଣାରେ ମୃତାହତ ହୋଇଥିବା ସୂଚନା ମିଳିବା ପରେ ସ୍ଥାନୀୟ ପୁଲିସ୍ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି । **କୋରାପୁଟ** ଦାମନଯୋଡୀ ଏବଂ ରାୟଗଡ଼ା ରେଳ ମଣ୍ଡଳ ଅଧିନରେ ଥିବା ରେଳ ରାସ୍ତା ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିବା ସୂଚନା ମିଳିଛି ।